## ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ

ବନ୍ତ,(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଯଶୋବନ୍ତପୁର ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ନବକିଶୋର ପାତ୍ର ଓ ଦେବେନ୍ଦ୍ର ପାତ୍ରଙ୍କ ୫ ବଖରା ସମେତ ଆସବାବପତ୍ର ଆନୁମାନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ସଂକ୍ଷେପରେ**

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

ବାରିପଦା ଅଫିସ/ ରାଇରଙ୍ଗପୁର (ଡି.ଏନ.ଏ.),୮।୧: ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୫/୨୧) ରୁଜୁ କରି ଅଭିଯୁକ୍ତ ସମ୍ପର୍କୀୟ କକାଙ୍କୁ ଅଟକ ରଖିଛି। ଅଭିଯୁକ୍ତ ନାବାଳକ ହୋଇଥିବାରୁ ତାଙ୍କୁ ଡାକ୍ତରୀ ମାଇନା ପରେ ଜୁଭେନାଇଲ ବୋର୍ଡରେ ହାଜର କରାଯାଇଛି। ସୂଚନା ଅନୁଯାୟୀ, ଗତ ୪ତାରିଖରେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ସମ୍ପର୍କୀୟ କକା ଘର ପାଖ ଧାନଗଦା ନିକଟକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଭାଇ ଏହି ଘଟଣା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଏହାକୁ ନେଇ ଗ୍ରାମରେ କୌଣସି ସମାଧାନ ହୋଇ ନ ପାରିବାରୁ ପରିବାର ଲୋକେ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ।

### ୪ର୍ଥ ଶ୍ରେଣୀ କର୍ମଚାରୀ ନିଲମ୍ବିତ

ବାହାନଗା, ୮।୧(ଡି.ଏନ.ଏ.): କାର୍ଯ୍ୟରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଆନନ୍ଦ କୁମାର ଯେନାଙ୍କୁ ଜିଲାପାଳ ନିଲମ୍ବିତ କରିଛନ୍ତି। ୨୦୨୦ ଡିସେମ୍ବର ୨୫ ବଡଦିନରେ ଏକ ଭୋଜିକୁ ନେଇ ଜଣେ ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଗଣ୍ଡଗୋଳ ପରେ ଯେନା ଡିସେମ୍ବର ୨୬ରୁ ୨୦୨୧ ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଜିଲାପାଳ ଏହାର ତଦନ୍ତ କରି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

ପାଟଣା,୮।୧( ସ୍ୱ.ପ୍ର.): ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଶଙ୍ଖୁଆ ପଞ୍ଚାୟତ ଅନ୍ତର୍ଗତ ପଧାନପଡ଼ା ଗ୍ରାମର ବିକାଶ ଦେହୁରୀ। ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦ ତାରିଖରେ ଅଭିଯୁକ୍ତ ବିକାଶ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ବିବାହ ପ୍ରଲୋଭନ ଦେଖାଇ ସେ ନାବାଳିକାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୯୯/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସୋର ରେଳଷ୍ଟେସନ ରାସ୍ତାକୁ ୱାନ୍ ୱେ କରାଯିବାକୁ ଦାବି

ସୋର, ୮।୧(ଡି.ଏନ୍.ଏ.): ସୋର ପୌରପରିଷଦ ଅନ୍ତର୍ଗତ ଷ୍ଟେଶନଛକଠାରୁ ଷ୍ଟେଶନ୍ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ଅଧୀନରେ ଥିବା ରାସ୍ତାକୁ ୱାନ୍ ୱେ କରାଯିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ୱାନ୍ ୱେ ହୋଇପାରି ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋର ଷ୍ଟେଶନ ଉପରେ ୬ଟି ବ୍ଲକ ଔପଦା, ବାହାନଗା, ଖଇରା, ସିମୁଳିଆ, ସୋର, ବାସୁଦେବପୁରର ଲୋକମାନେ ନିର୍ଭର କରିଥାନ୍ତି। ଅଧିକାଂଶ ସମୟରେ ଏହି ଅଣଓସାରିଆ ରାସ୍ତା ଭିଡ଼ ହେବା କାରଣରୁ ଦୁର୍ଘଟଣାମାନ ଘଟୁଥିବା ଦେଖାଯାଇଛି। ଏହି ରାସ୍ତା ପାର୍ଶ୍ୱରେ ୫ଟି ବ୍ୟାଙ୍କ , ଗୋଟିଏ ସ୍କୁଲ, ନେସ୍କୋ ଅଫିସ ଥିବାରୁ ଏହାକୁ ଦୃଷ୍ଟିରେ ରଖି ୱାନ୍ ୱେ କରିବା ପାଇଁ ବିଧାୟକ ପର୍ଶୁରାମ ଧଡ଼ା ଓ ପୂର୍ତ୍ତବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

### ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

ଚାନ୍ଦବାଲି,୮।୧(ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୦୮ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ ହୋଇଛି। ଏକ ନୂତନ ୧୦୮ ଆମ୍ବୁଲାନ୍ସ ଚାଲୁ କରାଯାଇଛି। ସ୍ଥାନୀୟ ୪ ପଞ୍ଚାୟତର ରୋଗୀମାନେ ଏହି ଜରୁରିକାଳୀନ ସେବା ପାଇପାରିବେ। ସେହିପରି ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟର ଏକ ନୂତନ ଗୃହ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଦୁଇ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବ୍ଲକ ଅଧ୍ୟକ୍ଷା ମାନସୀ ସାହୁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଡା. ସରୋଜିନୀ ପଟ୍ଟନାୟକ ଓ ତହସିଲଦାର ସୁଶାନ୍ତ ସୂତାର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଭିନ୍ନ ଅପରାଧରେ ସମ୍ପୃକ୍ତ ୭ ଦୁର୍ବୃତ୍ତ ଗିରଫ

ବାଲେଶ୍ୱର ଅଫିସ, ୮।୧


ଗିରଫ ଅଭିଯୁକ୍ତ।


ଜବତ ସାମଗ୍ରୀ।

ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ ପୋଲିସ ଆଖିରେ ଧୂଳି ଦେଇ ବିଭିନ୍ନ ପ୍ରକାର ଅପରାଧ ଘଟାଇ ଚାଲିଥିବା ୭ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅପରାଧୀଙ୍କୁ ଦମନ କରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଟିମ୍ ଗଠନ କରିଛି। ଗତ ୪ତାରିଖ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ରାଜକିଶୋର ଧଳଙ୍କୁ ଖନ୍ତାପଡ଼ା ଥାନା ନେମ୍ବୁନଈ ପୋଲ ଉପରେ ଦୁର୍ବୃତ୍ତମାନେ ଗୁଳି କରିଥିଲେ। ଗୁରୁବାର ରାତିରେ ସହଦେବଖୁଣ୍ଟା ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ କସମିଳା ରାସ୍ତାରୁ ୪ଜଣ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ଦୁର୍ବୃତ୍ତମାନେ ହେଲେ ଦିଲୀପ ବେହେରା, ଦେବାଶିଷ ମୁଖି, ମଙ୍ଗଳ ବେହେରା, ବିମଳ ଦାସ। ଦିଲୀପଙ୍କଠାରୁ ଏକ ଦେଶୀ ବନ୍ଧୁକ ସହ ୩ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଦେବାଶିଷଙ୍କଠାରୁ ଏକ ଖେଳନା ବନ୍ଧୁକ, ମଙ୍ଗଳଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ବିମଳଙ୍କଠାରୁ ଏକ ଲୁହା ରଡ୍ ଜବତ କରାଯାଇଛି। ନେମ୍ବୁନଈ ପୋଲ ନିକଟ ଗୁଳିକାଣ୍ଡ ଘଟଣା ବଳରାମଗଡ଼ିର ଏସ୍.କେ. ଜାଫରଙ୍କ ନିର୍ଦ୍ଦେଶରେ ହୋଇଥିବା ଗିରଫ ଦୁର୍ବୃତ୍ତଙ୍କଠାରୁ ଜଣାପଡ଼ିଛି। ସେହିପରି ଦିଲୀପ ବାଲେଶ୍ୱର ଓ ଭଦ୍ରକ ଜିଲାର ଏକାଧିକ ଛିନ୍‌ତାଇ, ଡକାୟତି ଓ ହତ୍ୟା ମାମଲାରେ ସମ୍ପୃକ୍ତ ଅଛନ୍ତି। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୪/୨୧) ରୁଜୁ କରାଯାଇ ଦୁର୍ବୃତ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଗତ ୫ ତାରିଖରେ ସହଦେବଖୁଣ୍ଟା ଥାନା ବସ୍‌ଷ୍ଟାଣ୍ଡରୁ ରେମୁଣା ଗୋଲେଇ ରାସ୍ତାରେ ୪ଜଣ ଦୁର୍ବୃତ୍ତ ଏକ ଘରୋଇ କମ୍ପାନୀ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ୭ଲକ୍ଷ ୧୭ହଜାର ୫୮୧ ଟଙ୍କା ଲୁଟି ନେଇଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୭/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ମାମଲାରେ ପୋଲିସ ଜଗଦୀଶ ନାୟକ, ସାଗର ରାଉଳ, ରବି ନାରାୟଣ ସାହୁଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ସେମାନଙ୍କ ନିକଟରୁ ସମସ୍ତ ଟଙ୍କା, ୨ଟି ମୋଟରସାଇକେଲ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। କମ୍ପାନୀର ଜଣେ କର୍ମଚାରୀ ଛୁଟି ନେଇ ଘରେ ରହି ସମସ୍ତ ସୂଚନା ଦୁର୍ବୃତ୍ତମାନଙ୍କୁ ଦେଇ ଚୋରି କରାଉଥିବାର ପୋଲିସ ପ୍ରକାଶ କରିଛି।

**ବନ୍ଧୁକ, ଅଫୁଟା ଗୁଳି ସହ ବିଭିନ୍ନ ମାରଣାସ୍ତ୍ର, ଟଙ୍କା ଜବତ**

ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ଦୁଇଟି ମାମଲାରେ ପୋଲିସ ପକ୍ଷରୁ ୭ଜଣଙ୍କୁ ଗିରଫ କରାଯାଇଛି। ମୂର୍ତ୍ତି ବେପାର ପାଇଁ ବଳରାମଗଡ଼ିର ଏସ୍.କେ. ଜାଫର କେନ୍ଦ୍ରାପଡା ଅଞ୍ଚଳର ରାଜକିଶୋରଙ୍କୁ ୧୦ଲକ୍ଷ ଟଙ୍କା ନେଇ ଆସିବା ପାଇଁ କହିଥିଲେ। ପ୍ରକୃତରେ ପିତ୍ତଳ ମୂର୍ତ୍ତିକୁ ସୁନା ମୂର୍ତ୍ତି ବୋଲି ଦର୍ଶାଇ ଟଙ୍କାକୁ ହଡ଼ପ କରିବା ପାଇଁ ଜାଫର ଏକ ଗ୍ୟାଙ୍ଗକୁ ନିୟୋଜିତ କରିଥିଲେ। ଅନ୍ୟପକ୍ଷରେ ରାଜକିଶୋର ଟଙ୍କା ନ ଦେଇ ମୂର୍ତ୍ତିକୁ ନେଇ ପଳାଇବା ପାଇଁ ଯୋଜନା କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଗୁଳିକାଣ୍ଡ ଘଟିଥିଲା। ସେହିପରି ଅନ୍ୟ ଏକ ଡକାୟତି ମାମଲାରେ ଗୋଟିଏ ପ୍ରାଇଭେଟ୍ କମ୍ପାନୀର କର୍ମଚାରୀ ଦୁର୍ବୃତ୍ତଙ୍କ ସହାୟତାରେ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍‌ର ଯୋଜନା କରିଥିଲେ। ଉକ୍ତ ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ନିଶା ଦେଇ ଲୁଟିନେଲେ ଅଟୋ ଚାଳକ

ବନ୍ତ,୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ନିଳୋକ ଗ୍ରାମର ଜଣେ ଯୁବକ ଦିଲ୍ଲୀରୁ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ରାସ୍ତାରେ ଅଟୋ ଚାଳକ ତାଙ୍କୁ ନିଶା ଦେଇ ସମସ୍ତ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନିଳୋକ ଗ୍ରାମର ମହେଶ୍ୱର ବେହେରା ଗତ ୨୦ ବର୍ଷ ଧରି ଦିଲ୍ଲୀରେ ପାଣି ପାଇପ ସୋସାଇଟିରେ କାର୍ଯ୍ୟ କରିଆସୁଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରୁ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱରରେ ପହଞ୍ଚି ଅଟୋରେ ରସୁଲଗଡ଼ ଆସିଥିଲେ। ସେଠାରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ଜଣେ ଅଟୋ ଚାଳକ ତାଙ୍କୁ ଭଦ୍ରକ ଯିବେ ବୋଲି କହି ଅଟୋରେ ଆଣିଥିଲେ। ରାସ୍ତାରେ ଏକ ଦୋକାନରୁ ଥଣ୍ଡା ପାନୀୟ ଆଣି ସେଥିରେ କୌଣସି ନିଶା ଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେଇଥିଲେ। ମହେଶ୍ୱର ଏହାକୁ ପିଇ ଅଚେତ ହୋଇଯିବା ପରେ ଅଟୋ ଚାଳକ ତାଙ୍କଠାରୁ ମୋବାଇଲ, ନଗଦ ୨୦ ହଜାର ଟଙ୍କା, ଏଟିଏମ୍ କାର୍ଡ, ପାନ୍ କାର୍ଡ, ଗାଡ଼ି କାଗଜପତ୍ର ସମେତ ସମସ୍ତ ସାମଗ୍ରୀ ଲୁଟି ନେଇ ତାଙ୍କୁ ଫିଙ୍ଗି ଦେଇ ପଳାଇଥିଲେ। କଟକ ଜଗତପୁର ଓଭରବ୍ରିଜ୍ ତଳେ ତାଙ୍କୁ ପଡ଼ିଥିବାର ଦେଖି ଜଣେ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ପରିବାର ଲୋକ ଆସି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ଜଗତପୁର ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କୁ ସୁସ୍ଥ ଅବସ୍ଥାରେ ଘରକୁ ଅଣାଯାଇଛି।

# ଜଳିଗଲା ୧୩ ଦୋକାନ


ପୋଡ଼ିଯାଇଥିବା ଦୋକାନ।

ତିହିଡ଼ି,୮।୧(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ବଜାର ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୩ ଦୋକାନ ଘର ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ବିଳମ୍ବିତ ରାତିରେ ଦୋକାନରେ ନିଆଁ ଲାଗି ଯାଇଥିବା ଦେଖି ବଜାରର କିଛି ଲୋକ ପାଟି କରି ଡାକିଥିଲେ। ସେମାନଙ୍କ ଡାକ ଶୁଣି ଅନ୍ୟ ଲୋକେ ଆସି ନିଆଁକୁ ଆୟତ୍ତ କରି ବିଫଳ ହୋଇଥିଲେ। ତିହିଡ଼ି ଓ ଗଦିରୁ ୪ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ୧୩ ଦୋକାନର ସମସ୍ତ ଜିନିଷ ପୋଡ଼ିପାଉଁଶ ହୋଇଯାଇଛି। କିଷନ ଗୁପ୍ତା, ସୁରେଶ ଚନ୍ଦ୍ର ଗୁପ୍ତା, ମଧୁସୂଦନ ନାୟକ, ଚକ୍ରଧର ଓଝା, ବାବୁରାମ ଦାସ, କାଶୀନାଥ ବେହେରା, ରବୀନ୍ଦ୍ର ପଣ୍ଡା, ବିଜୟ ବିଶ୍ୱାଳ, ମାଧବାନନ୍ଦ ନାୟକ, ସାଧୁଚରଣ ବେହେରା, ଭଗବାନ ଲେଙ୍କା, ବାବୁଲା ଦୀକ୍ଷିତ, କୃପାସିନ୍ଧୁ ସାହୁ ପ୍ରମୁଖଙ୍କ ଲୁଗା, ଟେଜରାଟି, ସାର, ପରିବା, ହୋଟେଲ, ଫଳ, ପାନ, ଫଟୋ ବାଇଣ୍ଡିଂ ଦୋକନ ଜଳି ଯାଇଥିବା ସୂଚନା ମିଳିଛି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ବିଜେଡି ନେତା ବିଜୟ ନାୟକ, ରଘୁନାଥ ପଣ୍ଡା, ଭାଜପା ନେତା ରଘୁନାଥ ପାତ୍ର, ଦୁର୍ଗାଚରଣ ନାୟକ, କଂଗ୍ରେସ ବ୍ଲକ ସଭାପତି ସରୋଜ ଦାସ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା।

ବାରିପଦା ଅଫିସ,୮।୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଏଡ କଲେଜରେ ନାମଲେଖା ବନ୍ଦ ହେବା ଓ ଛାତ୍ର ଉପସ୍ଥାନ କମିବାରୁ ୬୪୨ଟି ସ୍କୁଲ ବନ୍ଦ ହେବା ପ୍ରତିବାଦରେ ଶୁକ୍ରବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଭାରତ ଶିକ୍ଷା ବଞ୍ଚାଅ କମିଟି, ଡେମୋକ୍ରାଟିକ ଟିଚର୍ସ ଅର୍ଗାନାଇଜେଶନ, ଅଲ ଇଣ୍ଡିଆ ଡିଏସଓ ଏବଂ ଅଲ ଇଣ୍ଡିଆ ଡିୱାଇଓ ସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ଥିଲେ ।

ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ରାଜ୍ୟର ୧୪ଟି ସରକାରୀ ଶିକ୍ଷକ ତାଲିମ ମହାବିଦ୍ୟାଳୟରେ ସମୁଦାୟ ୨୨୩ଜଣ ଶିକ୍ଷକ ପଦବୀରୁ୧୮୮ଟି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଛି । ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ସମେତ ରାଜ୍ୟର ୧୪ଟି ସରକାରୀ ଶିକ୍ଷକ ତାଲିମ ମହାବିଦ୍ୟାଳୟରୁ ଜାତୀୟ ଶିକ୍ଷକ ଶିକ୍ଷା କାଉନସିଲ(ଏନସିଇଟି) ଚଳିତବର୍ଷ ପ୍ରାରମ୍ଭରୁ ସହବନ୍ଧନ ପ୍ରତ୍ୟାହାର କରିନେବାରୁ ଉକ୍ତ କଲେଜ ଗୁଡିକରେ ଚଳିତବର୍ଷ ପାଇଁ ନାମଲେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଜିଲାରେ ଶହ ଶହ ଶିକ୍ଷକ ପଦବୀ ଖାଲି ପଡିଥିବା ସ୍ଥଳେ ଉଚ୍ଚ ଶିକ୍ଷିତ ଯୁବତୀ ଯୁବକ ବିଏଡ କରିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ଫଳରେ ଛାତ୍ରୀଛାତ୍ରମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଲବେଳେ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । ସେହିପରି ଛାତ୍ର ସଂଖ୍ୟା କମ୍ ଦର୍ଶାଇ ଜିଲାରେ ୬୪୨ଟି ପ୍ରାଥମିକ ବିଦ୍ୟାଳୟଗୁଡିକ ବନ୍ଦ କରିଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

**ବିଏଡ୍ କଲେଜରେ ନାମ ଲେଖା ବନ୍ଦର ପ୍ରତିବାଦ**

ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ, ଏଆଇଡିୱାଇର ଜିଲା ସଭାପତି ପୀତାମ୍ବର ନାଏକ ଓ ସମ୍ପାଦକ ଲଳିତ ମହାନ୍ତ, ମଧୁସୂଦନ ନାଏକ, ସୁଶାନ୍ତ ମୁର୍ମୁ, ପ୍ରଫୁଲ ମହାନ୍ତ, ନୀଳାମ୍ବର ନାଏକ, କିଶୋର ମହାନ୍ତ, ଅମୀୟ ମହାନ୍ତ ଓ ରାଜ୍ୟ କମିଟିର ଅଫିସ ସମ୍ପାଦକ ରାଜେନ୍ଦ୍ର ବର୍ମା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଛନ୍ତି।

## ଗୋପବନ୍ଧୁ ନଗର ପଞ୍ଚାୟତ ସମିତି ବୈଠକ

କୁଆମରା,୮।୧(ଡି.ଏନ୍.ଏ.)

ଦୀର୍ଘ ଏକ ବର୍ଷ ବ୍ୟବଧାନ ପରେ ଗୋପବନ୍ଧୁ ନଗର ବ୍ଲକ ପରିସର ସଭା ଗୃହରେ ଷଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ସୁକେଶ୍ୱର ମଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା, ବିଡିଓ ରବୀନ୍ଦ୍ର ମଲ୍ଲିକ, ଜିପିଓ ଜଗଦେଶ୍ୱର ମାଝୀ, ସହକାରୀ ଯନ୍ତ୍ରୀ କମଳ ଲୋଚନ ରାଉତ ମଞ୍ଚାସୀନ ଥିଲେ। ଜିଲା ପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୃଷି, ମତ୍ସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଶିଶୁ ବିକାଶ ବିଭାଗ, ଜଳ ଓ ପରିମଳ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ମହାରଣା ପ୍ରତି ମଣ୍ଡିରେ ଧାନ କିଣାର ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତି ପଞ୍ଚାୟତରେ ଧାନ କିଣା ଯିବାକୁ ପ୍ରସ୍ତାବ ଦେଇଥିଲେ। ଅଧିକ କଟନି ଛଟନି ହେଉଥିବାରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଥିଲା। ଜିଲା ପରିଷଦ ସଭ୍ୟ ପାତ୍ର ଡାକ୍ତରଖାନାମାନଙ୍କରେ ଡାକ୍ତର ଓ କର୍ମଚାରୀ ଅଭାବ ନେଇ କ୍ଷୋଭ ପ୍ରକାଶ କରିବା ସହ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ତୁରନ୍ତ ପୂରଣ କରିବା ଲାଗି ଦାବି କରିଥିଲେ।

# ଆନ୍ଦୋଳନ ପାଇଁ ବ୍ଲକ ସ୍ତରରେ ହେବ ଚାଷୀ ପଞ୍ଚାୟତ

ଭଦ୍ରକ ଅଫିସ, ୮।୧

କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ବିରୋଧରେ ଜନସମର୍ଥନ ପାଇଁ ଭଦ୍ରକ ଜିଲା କିଷାନ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଶିବିର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତି ନରନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ୩ କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ସହ ରାଜ୍ୟ ସରକାର ବର୍ତ୍ତମାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଅତିରିକ୍ତ ୫ଶହ ଟଙ୍କା ବୋନସ ପ୍ରଦାନ ପାଇଁ ଦାବି ହୋଇଛି। ଦେଶର ଜିଡିପି ବୃଦ୍ଧିରେ କୃଷକମାନଙ୍କର ମୁଖ୍ୟ ଭୂମିକା ଥିବାବେଳେ ସେମାନଙ୍କୁ କାହିଁକି ଅବହେଳା କରାଯାଉଛି ବୋଲି କିଷାନ କଂଗ୍ରେସ ପ୍ରଶ୍ନ କରିଛି। ଚାଷୀମାନଙ୍କୁ ସର୍ବସ୍ୱାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ହୀନ ପ୍ରୟାସ ବୋଲି କହି ପ୍ରତ୍ୟେକ ବ୍ଲକ ସ୍ତରରେ ଚାଷୀ ପଞ୍ଚାୟତ ମାଧ୍ୟମରେ କୃଷକମାନଙ୍କୁ ସଚେତନ କରାଯିବ ବୋଲି କୁହାଯାଇଛି। ଏଥିସହ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ, ନଳିନୀକାନ୍ତ ମହାନ୍ତି, ଗଣେଶ ଚନ୍ଦ୍ର ଭାରତୀ, ନିରଞ୍ଜନ ନାୟକ, ନଟବର ରାଉଳ, ସୁଧୀର ଖଟୁଆ, ଅଭିରାମ ମଲ୍ଲିକ, ବୃନ୍ଦାବନ ଜେନା, ରବୀନ୍ଦ୍ର ରାୟ, ନିରଞ୍ଜନ ମଲ୍ଲିକ, ବିଦ୍ୟାଧର ଜେନା, ପ୍ରଶାନ୍ତ ବରାଳ ପ୍ରମୁଖ ଯୋଗ ଦେଇଥିଲେ।

# ନଦୀଜଳ ପ୍ରଦୂଷଣକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦୁଝର, ୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଳ ନିକଟରେ ବୋହି ଯାଉଥିବା କୁଶେଇ ନଦୀର ଜଳ ଖଣି ଓ ଶିଳ୍ପ ଯୋଗୁ ପ୍ରଦୂଷିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାରଖାନା ଓ ଖଣିର ପ୍ରଦୂଷିତ ଜଳ ଏହି ନଦୀରେ ପଡୁଥିବାରୁ ପାଣି ବିଷାକ୍ତ ହେଉଛି। ଏହାର ପ୍ରତିକାର ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସ୍ଥାନୀୟ ଭାଜପା ନେତା ପୃଥୀରାଜ କୁଅଁର ଓ ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧନୁର୍ଜୟ ସିଦ୍ଧୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ମନ୍ତ୍ରୀ ପ୍ରଧାନ ଚିଠି ଲେଖି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

କୁଶେଇ ନଦୀର ପ୍ରଦୂଷଣ ଓ ଏହାଦ୍ୱାରା ଲୋକଙ୍କ ଉପରେ ପଡୁଥିବା ପ୍ରଭାବ ବିଷୟରେ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ କୁସାଲ ବଶିଷ୍ଟଙ୍କୁ ଅବଗତ କରାଇବା ପରେ ପ୍ରଦୂଷଣ କରୁଥିବା ଖଣି ଓ କାରଖାନା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା କୁଅଁର କହିଛନ୍ତି । ଜଳ ପ୍ରଦୂଷଣ ଯୋଗୁ ଏହି ନଦୀ ଉପରେ ନିର୍ଭର କରୁଥିବା ଘସିପୁରା ବ୍ଲକର ରାଧିକାଦେଇପୁର, ଦରଡିପାଳ, ତରୀମୂଳ, ଦେଓଗାଁ, ମଦନପୁର ଓ ହରିଚନ୍ଦନପୁର ବ୍ଲକର ବରେଇଗୋଡା, ଦୈତାରୀ, ରାସୋଳ, ଟାଙ୍ଗିରିଆପାଳ ପଞ୍ଚାୟତର ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ଭୋଗୁଛନ୍ତି। ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି ।


କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ସ୍ମାରକପତ୍ର ଦିଆଯାଉଛି।

# ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଧାନକିଣା ଆରମ୍ଭ

ବାହାନଗା, ୮।୧(ଡି.ଏନ.ଏ.)


ପଣପଣା ସମିତିରେ ଧାନକ୍ରୟ ଆରମ୍ଭ ହୋଇଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସେବା ସମବାୟ ସମିତିରେ ବିବାଦ ଲାଗିରହିଥିବା ଯୋଗୁ ଚଳିତବର୍ଷ ସମିତିରେ ମଣ୍ଡି ଖୋଲୁ ନ ଥିଲା। ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ଚାଷୀମାନଙ୍କଠାରୁ ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୧୬୭ କୁଇଣ୍ଟାଲ ଧାନ କିଣା ହୋଇଥିଲା। ମଣ୍ଡି ଉଦ୍‌ଘାଟନ ବେଳେ ଚାଷୀ କମିଟିର ବୈରାଗୀ ବେହେରା, ସମରେନ୍ଦ୍ର ତ୍ରିପାଠୀ, ଦୟାନିଧି ଗିରି, ସୌମ୍ୟରଞ୍ଜନ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦିଲୀପ୍ ଦାସ, ସିଦ୍ଧେଶ୍ୱର ମହାନ୍ତିଙ୍କ ସମେତ ସରପଞ୍ଚ ସୁନୀତା ଦାଶ, ବ୍ଲକ ଯୋଗାଣ ନିରୀକ୍ଷକ (ଏମ.ଆଇ.)ଏଲିନା ସାହୁ, ଆରଏମ୍‌ସିର ଗୋବିନ୍ଦ ଚନ୍ଦ୍ର ଦାସ, ସମିତି ସମ୍ପାଦକ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ ମଧ୍ୟ ଧାନ କିଣା ପାଇଁ କୌଣସି ପଦକ୍ଷେପ ସମିତି କିମ୍ବା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବା ଜିଲା ପ୍ରଶାସନ ନେଉ ନ ଥିଲା। ତେବେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ବାରମ୍ବାର ବାଲେଶ୍ୱର ଜିଲାପାଳ ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଥିଲେ ମଧ୍ୟ କୌଣସି ବାଟ ବାହାରୁ ନ ଥିଲା । ଗତ ଗୁରୁବାର ହଠାତ୍ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପଣପଣା ସେବା ସମବାୟ ସମିତି ରେ ପହଞ୍ଚି ତଦାରଖ କରିବା ସହିତ ଚାଷୀଙ୍କଠାରୁ ଅଭିଯୋଗ ଶୁଣିଥିଲେ। ଶୁକ୍ରବାରଠାରୁ ନିଶ୍ଚିତ ସମିତିରେ ମଣ୍ଡି ଖୋଲିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନଙ୍କ ହେର୍‌ଫେର ହୋଇଥିବା ଟଙ୍କା ଅଡିଟ୍ ପରେ ଫେବୃୟାରୀ କିମ୍ବା ମାର୍ଚ୍ଚ ମାସ ୧୫ ପରେ ଧୀରେ ଧୀରେ ଅଳ୍ପ ପରିମାଣରେ ସେବା ସମବାୟ ସମିତିରେ ଜମାକାରୀ ଚାଷୀଙ୍କ ଟଙ୍କା ଫେରସ୍ତ ପାଇବେ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସହ ସମବାୟ ବ୍ୟାଙ୍କର ସହନିବନ୍ଧକ ସଦାନନ୍ଦ ବେହେରା, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ଅତିରିକ୍ତ ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଯୋଗାଣ ନିରୀକ୍ଷକ ଗୋପବନ୍ଧୁ ଦାସ, ବାଲେଶ୍ୱର-ଭଦ୍ରକ ସେବା ସମବାୟ ବ୍ୟାଙ୍କ ଗୋପାଳପୁର ଶାଖା ପରିଚାଳକ ଯଦୁନାଥ ସ, ଗିରିଶ ଚନ୍ଦ୍ର ଦାଶ, ସମ୍ପାଦକ ନାୟକ, ପିଇଓ ପ୍ରଫୁଲ୍ଲ ପଲେଇ, ଏମ୍‌ପି ପ୍ରତିନିଧି ବୈରାଗୀ ବେହେରା, ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସ ପ୍ରମୁଖ ଉପସ୍ଥିତ ଥିଲେ।

**ପଣପଣା ସେବା ସମବାୟ ସମିତି**

ଧରିତ୍ରୀ
DHARITRI
ଶନିବାର, ୯ ଜାନୁୟାରୀ ୨୦୨୧

### ଚୋରା ବାଲି ବୋଝେଇ ୪ ଗାଡ଼ି ଜବତ

ପାଟଣା,( ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ସମ୍ମୁଖରୁ ଗୁରୁବାର ବିଳମ୍ବିତ ରାତ୍ରିରେ ପୋଲିସ ୩ଟି ଚୋରା ବାଲି ବୋଝେଇ ହାଇୱା ଜବତ କରିଛି। ସେହିପରି ଶୁକ୍ରବାର ସକାଳେ ଝାରବେଡ଼ା ନାଳରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ପୋଲିସ ଥାନାକୁ ଆଣିଛି। ହାଇୱାଗୁଡ଼ିକ ମୟୂରଭଞ୍ଜ ଜିଲା ତେରଣ୍ଡିରୁ ଚୋରା ବାଲି ନେଇ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ପୋଲିସ ହାତରେ ଧରା ପଡ଼ିଥିଲା।



## ସଂକ୍ଷେପରେ

### ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ

କେନ୍ଦୁଝର, ୮।୧(ଡି.ଏନ.ଏ.): କୃଷି ବିଜ୍ଞାନ କେନ୍ଦ୍ରର ସଭାଗୃହରେ ୨୧ତମ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଵନ କୁମାର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନ୍‌ଲାଇନ୍ ମାଧମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ଲଳିତମୋହନ ଗଡ଼ନାୟକ ସଭାପତିତ୍ୱ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସୁକାନ୍ତ କୁମାର ସାହୁ ବୈଠକର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ। ଏହାପରେ ପୂର୍ବବର୍ଷର ବୈଠକରେ ଦିଆଯାଇଥିବା ପରାମର୍ଶ ଓ ଏହାର ଉପରେ ନିଆଯାଇଥିବା କାର୍ଯ୍ୟକ୍ରମକୁ ଅନୁମୋଦନ କରାଯାଇଥିଲା। ଏହାପରେ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ଼ଃ କିଶୋର ଚନ୍ଦ୍ର ସାହୁ, ଚେସ୍‌ର ଅଧକ୍ଷ ଡ଼ଃ ଗୋବିନ୍ଦ ଆଚାର୍ଯ୍ୟ, ଅଟାରୀ କଲିକତାର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅଭିଜିତ୍ ହଲଦାର୍, ସମସ୍ତ ଜିଲାସ୍ତରୀୟ ଅଧିକାରୀ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ମତ ବିନିମୟ କରିଥିଲେ।

### ୧୨ରୁ ଚାଲିବ ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ

ବାରିପଦା ଅଫିସ,୮।୧: ପୂର୍ବତଟ ରେଳ ବିଭାଗ ପକ୍ଷରୁ ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ଏ ନେଇ ରେଳ ବୋର୍ଡ ବିଭାଗର ଚିଠି ନଂ. ଟିସିପି/୨୦୨୧/୦୧/୪୬ରୁ ସୂଚନା ମିଳିଛି। ଟ୍ରେନ ନଂ. ୦୨୮୯୨ ଭୁବନେଶ୍ୱରରୁ ବାଙ୍ଗରିପୋଷିକୁ ଆସନ୍ତା ୧୨ତାରିଖରୁ ୨୮ଫେବୃଆରୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଟ୍ରେନ ନଂ. ୦୨୮୯୧ ବାଙ୍ଗରିପୋଷିରୁ ଭୁବନେଶ୍ୱରକୁ ୧୩ତାରିଖରୁ ମାର୍ଚ୍ଚ ୧ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ମୟୂରଭଞ୍ଜ ଜିଲାର ଗଣପର୍ବ ମକର ପାଇଁ ଟ୍ରେନ ଚଳାଚଳ କରିବା ନିମନ୍ତେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଥିଲା । ଏ ନେଇ ମୟୂରଭଞ୍ଜ ଏମପି ଇଂ. ବିଶ୍ୱେଶ୍ୱର ଟୁଡୁ ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳବାଇର ଡିଆର୍‌ଏମ୍ ଏବଂ ଜିଏମ୍‌ଙ୍କୁ ଭେଟି ଆଲୋଚନା କରିଥିଲେ ।

### ମଣ୍ଡି ଘେରିଲେ ଚାଷୀ

ହାଟଡିହୀ,୮।୧(ଡ଼ି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢା ସମବାୟ ସମିତିରେ ଚାଷୀ ପଞ୍ଜିକରଣରେ ଅନିୟମିତତା ନେଇ ସମ୍ପାଦକ ଦୀନବନ୍ଧୁ ଯେନା, ସହ ସମ୍ପାଦକ ଶୁକଦେବ ରାଉତଙ୍କୁ ଜିଲାପାଳ ନିଲମ୍ବିତ କରିଥିଲେ । ସେହିପରି ଡାଟା ଏଣ୍ଟ୍ରି ଅପରେଟର ଅବିନାଶ ମଣ୍ଡଳ ଓ ମନୋଜ ନାୟକଙ୍କୁ କାର୍ଯ୍ୟାନ୍ତର କରାଯାଇଛି।ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ଶୁକ୍ରବାର ମଣ୍ଡି ଘେରାଉ କରିଥିଲେ। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଖୁବ୍ ଶୀଘ୍ର ନୂତନ କମିଟି ଗଠନ ହୋଇ ଚାଷୀଙ୍କଠାରୁ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଶିକ୍ଷକ ସଂଘ ବୈଠକରେ ଶୃଙ୍ଖଳାକୁ ଗୁରୁତ୍ୱ

ଖଇରା, ୮।୧(ଡି.ଏନ.ଏ.): ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ନୂଆ) ଖଇରା ଶାଖାର ଏକ ବୈଠକ କୁପାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲମ୍ବୋଦର ଦାସ ଅଧକ୍ଷତା କରିଥିଲେ। ଏଥିରେ କର୍ମକର୍ତ୍ତାମାନେ ଯୋଗଦେଇ ସଙ୍ଗଠନ ସମସ୍ତ ସଦସ୍ୟ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ବିଶୃଙ୍ଖଳିତ ଆଚରଣକୁ କୌଣସୀ ପରିସ୍ଥିତରେ ବରଦାସ୍ତ କରାଯିବ ନାହିଁ ବୋଲି ସମ୍ପାଦକ ସୁଦର୍ଶନ ସେଠୀ, ସାଧାରଣ ସମ୍ପାଦକ ଦୁର୍ଗାମାଧବ ଜେନା ଓ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ସେନ ପ୍ରକାଶ କରିଥିଲେ । କେତେକ ବିଶୃଙ୍ଖଳିତ ଶିକ୍ଷକ ଅନ୍ୟ ସଂଘରେ ସଦସ୍ୟତା ନେଇଥିବାରୁ ଏହାକୁ ନିନ୍ଦା କରାଯିବା ସହ ସେମାନଙ୍କ ସଦସ୍ୟ ପଦ ରଦ୍ଦ କରାଯାଇଥିଲା । ସଂଘ କୋଭିଡ ସମୟରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ଲକ୍ଷ ୧୬ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ସମସ୍ତ ସଭ୍ୟ ଏହାକୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଦସ୍ୟମାନେ ସଂକଳ୍ପ ନେଇଥିଲେ ।

### ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

ବାରିପଦା ଅଫିସ,୮।୧: ମୟୂରଭଞ୍ଜ ଜିଲା ଚିପଟଅସ୍ତିଆଠାରେ ଶୁକ୍ରବାର ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ବୁଦୁନୀ ସିଂ ନାମ୍ନୀ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ୨ଆହତଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଛନ୍ତି।

# ୯ ମାସ ପରେ ପାଠପଢ଼ା

*କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍କୁଲ କଲେଜରେ ପାଠପଢ଼ା ବନ୍ଦ କରି ଦିଆଯାଇଥିଲା। ପିଲାମାନେ ଘରେ ରହି ଅନ୍‌ଲାଇନରେ ଯାହା କିଛି ପଢୁଥିଲେ। ବିଶେଷ କରି ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ାକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଥିଲା। ଦୀର୍ଘ ୯ ମାସ ପରେ କୋଭିଡ୍ କଟକଣା ଅନୁସାରେ ସ୍କୁଲ ଖୋଲିବାକୁ ମିଳିଲା ଅନୁମତି। ଶୁକ୍ରବାର ସ୍କୁଲ ଖୋଲିଲା, ଆରମ୍ଭ ହେଲା ପାଠପଢ଼ା।*




ବାଲେଶ୍ୱର ଜିଲା ସ୍କୁଲରେ ଥର୍ମାଲ ସ୍କ୍ରିନିଂ କରାଯାଇ ପାଠପଢ଼ା ଆରମ୍ଭ ହୋଇଛି।

#### ସାଙ୍ଗମାନଙ୍କ ସହ ପଢ଼ିବାରେ ଆନନ୍ଦ ମିଳୁଛି



ଦୀର୍ଘ ଦିନ ପରେ ସ୍କୁଲ ଯାଇ ବହୁତ ଖୁସି ହେଲି । ପ୍ରତୀକ୍ଷାର ଅନ୍ତ ଘଟିଛି । ସାଙ୍ଗମାନଙ୍କ ସହ ପାଠପଢ଼ିବାରେ ବହୁତ ଆନନ୍ଦ ମିଳୁଛି ।

**- ଶ୍ରେୟା ସୁଦିପ୍ତା ପଣ୍ଡା,୧୦ମ ଶ୍ରେଣୀ, ବଡ଼ସାହି ହାଇସ୍କୁଲ,ମୟୂରଭଞ୍ଜ**

#### ପାଠପଢ଼ା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ



ସରକାରଙ୍କ ଏସ୍‌ଓପିକୁ ନେଇ ପିଲାକୁ ସ୍କୁଲ ଛାଡ଼ିଛି । ସ୍କୁଲ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଲେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ। ପରୀକ୍ଷା ପାଇଁ କମ୍ ସମୟ ରହୁଥିବାରୁ ପାଠପଢ଼ା ପ୍ରତି ବିଶେଷ ଗୁରୁତ୍ୱ ଦିଆଗଲେ ପିଲାଙ୍କ ଭବିଷ୍ୟତ ଉଜ୍ଜଳମୟ ହେବ ।

**-କିଶୋର ମାସନ୍ତ, ଅଭିଭାବକ, ପଞ୍ଚାୟତ ହାଇସ୍କୁଲ ଶାଳଗାଁ , ମୟୂରଭଞ୍ଜ।**

ନେଇଥିବା ଚିନ୍ତା ଦୂର ହେଲା।

**- ଆଶିଷ ଦାସ, ବାଲେଶ୍ୱର ଜିଲା ସ୍କୁଲ ଦଶମଶ୍ରେଣୀ ଛାତ୍ର।**

#### ମାଟ୍ରିକ୍ ପରୀକ୍ଷା ଦେଲା ଭଳି ଅନୁଭବ କଲି



ଏତେଦିନର ବ୍ୟବଧାନ ପରେ ବିଦ୍ୟାଳୟକୁ ଯାଇ ଶୃଙ୍ଖଳାର ସହ ପାଠ ପଢ଼ିଲି। ମାଟ୍ରିକ୍ ପରୀକ୍ଷା ଦେଲା ଭଳି ଅନୁଭୂତି ହାସଲ କଲି।

**- ଦିବ୍ୟା ଦେବସ୍ମିତା ବିଶ୍ୱାଳ, ଦଶମ ଶ୍ରେଣୀ ଛାତ୍ରୀ, ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ।**

#### ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦିଆଯାଉଛି



ସ୍କୁଲଗୁଡ଼ିକରେ କରୋନା କଟକଣା ଠିକ୍ ଭାବେ ପାଳନ ତଥା ଛାତ୍ରୀଛାତ୍ର ଯେଭଳି ସାମାଜିକ ଦୂରତା ରକ୍ଷା କରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍ ଭାବେ ବିଦ୍ୟାଳୟରେ ପାଠପଢ଼ା ଚାଲିଛି କି ନାହିଁ ସେଥିଲାଗି ବିଭିନ୍ନ ବ୍ଲକର ଶିକ୍ଷାଧିକାରୀଙ୍କୁ ମନିଟରିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସେ ଓ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଜିଲା ସ୍କୁଲ ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଥିଲେ।

**-କପିଳେନ୍ଦ୍ର ମିଶ୍ର, ଜିଲା ଶିକ୍ଷାଧିକାରୀ, ଭଦ୍ରକ**

#### ଦୀର୍ଘଦିନ ପରେ ସ୍କୁଲକୁ ଆସି ଖୁସି ଲାଗୁଛି



ଦୀର୍ଘଦିନ ପରେ ସ୍କୁଲକୁ ଆସି ବହୁତ ଖୁସି ଅନୁଭବ କରୁଛି। କୋଭିଡ୍ କଟକଣା କାରଣରୁ ଡର ଲାଗୁଛି। ଏପଟେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଫଳାଫଳ କ'ଣ ହେବ ସେ ନେଇ ମଧ ଭୟ ରହିଛି।

**-ସତ୍ୟରଞ୍ଜନ ମିଶ୍ର, ଦଶମ ଶ୍ରେଣୀ ଛାତ୍ର, ଜିଲା ସ୍କୁଲ, ଭଦ୍ରକ**

#### ସ୍କୁଲ ଖୋଲିବାରୁ ଖୁସି ଲାଗୁଛି



ଅନଲାଇନ ପାଠ ପଢ଼ାରେ ବହୁତ ଅସୁବିଧା ହେଉଥିଲା । ନେଟୱାର୍କ ଠିକ୍ ଭାବେ ରହୁ ନ ଥିବାରୁ ପାଠ ବୁଝିବା କଷ୍ଟକର ହେଉଥିଲା । ଏବେ ସ୍କୁଲ ଖୋଲିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି । ବୁଝି ହେଉ ନ ଥିବା ପାଠକୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ଶିକ୍ଷାଗ୍ରହଣ କରି ଭଲ ନମ୍ବର ରଖିବାକୁ ଚେଷ୍ଟା କରିବି ।

**-ସୁଇଟି ବେହେରା, ୧୦ମ ଶ୍ରେଣୀ, ବଡ଼ସାହି ହାଇସ୍କୁଲ, ମୟୂରଭଞ୍ଜ**

#### ପରୀକ୍ଷା ଲାଗି ଚିନ୍ତା ଗଲା



ଅନଲାଇନ୍‌ରେ ପାଠପଢ଼ା ଅପେକ୍ଷା ଅଫଲାଇନ୍‌ରେ ପାଠପଢ଼ା ସହଜ ହୋଇଥାଏ। ଅନଲାଇନ୍ ପାଠପଢ଼ା ବେଳେ ନେଟ୍‌ୱର୍କ ଅସୁବିଧା କାରଣରୁ ଠିକ୍ ଭାବେ ପଢ଼ା ସମ୍ଭବ ହେଉ ନ ଥିଲା। ଏପରିକି କୌଣସି ବିଷୟ ସମ୍ପର୍କରେ ବୁଝିବା ପାଇଁ ସୁଯୋଗ ମିଳିବା କଷ୍ଟକର ହେଉଥିଲା। ବିଦ୍ୟାଳୟ ଖୋଲିଲା। ପରୀକ୍ଷା ପର୍ଯ୍ୟନ୍ତ ସବୁଦିନ କ୍ଲାସ ହେବ। ବାକି ଥିବା ପାଠତକ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ବୁଝିବା ଏବଂ ପରୀକ୍ଷାକୁ

#### ଶିକ୍ଷକଙ୍କଠାରୁ ସିଧାସଳଖ ପାଠ ବୁଝି ହେବ



ପରୀକ୍ଷାକୁ ନେଇ ବର୍ଷ ଆରମ୍ଭରୁ ସମସ୍ୟା ଦେଖାଦେଇଛି। କିନ୍ତୁ ଅନ୍‌ଲାଇନରେ କ୍ଲାସ ହେଉଥିବାରୁ ସାମାନ୍ୟ ବୁଝିଛୁ। ଏବେ କ୍ଲାସରେ ଶିକ୍ଷକମାନଙ୍କଠାରୁ ସିଧାସଳଖ ପାଠ ବୁଝିବାରେ ସହଜ ହେବ।

**-ରୁକ୍‌ସାନ କାଦ୍ରୀ, ଦଶମ ଶ୍ରେଣୀ ଛାତ୍ରୀ, ଜିଲା ସ୍କୁଲ, ଭଦ୍ରକ**

#### ପାଠପଢ଼ା ସମସ୍ୟା ଦୂର ହେବ



ଦୀର୍ଘ ମାସ ପରେ ସ୍କୁଲ ଆସିବା ପରେ ସାଙ୍ଗମାନଙ୍କ ସହ ଦେଖା ହେବାରୁ ବହୁତ ଖୁସି ଲାଗିଲା। ଅନଲାଇନ ପାଠପଢାରେ ରହିଯାଇଥିବା ଦ୍ୱନ୍ଦ୍ୱ ଏବେ ସହଜରେ ଦୂର ହୋଇପାରିବ। ଆମ ସ୍କୁଲରେ କୋଭିଡ ନିୟମ କଡ଼ାକଡି ପାଳନ କରାଯାଇଛି।

**-ଶ୍ୱେତା ବାରିକ, ଏନ୍‌ଏସ୍ ପୋଲିସ ହାଇସ୍କୁଲ, କେନ୍ଦୁଝର**

## ଶ୍ରମିକ ସଂଘର ରାସ୍ତାରୋକୋ

ସୋର, ୮।୧(ଡି.ଏନ୍.ଏ.)

ସୋର ମଙ୍ଗଳପୁର ରାସ୍ତା ଦହିପୁର ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ପଥର ବୋଝେଇ ଡମ୍ପରକୁ ପଛରୁ ଅନ୍ୟ ଏକ ପଥର ବୋଝେଇ ଡମ୍ପର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଡମ୍ପର ତଳେ ଚାପି ହୋଇ ହେଲପର ଗୁଣ୍ଡୁ ସିଂଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇ ବାଲେଶ୍ୱରକୁ ସ୍ଥାନାନ୍ତର ହୋଇ ଚିକିତ୍ସାଧୀନ ଥିବା ଡ୍ରାଇଭର ସୋର ଥାନା ଅଧୀନ

### ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରଙ୍କ ମୃତ୍ୟୁ

ତିଳଦା ଗ୍ରାମର ବସନ୍ତ କୁମାର ମହାନ୍ତି(୪୦)ଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ବିନା ଲାଇସେନ୍ସ ଓ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଡ୍ରାଇଭର ଓ ଗାଡି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୋର ଲେବର ଆସୋସିଏଶନ୍ ପକ୍ଷରୁ ଏହି ରାସ୍ତାରେ ମାଲ ବୋଝେଇ ଭାରିଯାନ ବନ୍ଦ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଶ୍ରମିକ ସଂଘ ପକ୍ଷରୁ ଏହି ଅବରୋଧ ଅବ୍ୟାହତ ରହିଥିଲା। ପ୍ରକାଶ ଥାଉକି ଏହି ରୁଟ୍‌ରେ ଖାଦାନରୁ ପଥର ପରିବହନରେ ନିୟୋଜିତ ଥିବା ଅଧିକାଂଶ ଗାଡି ଚାଳକଙ୍କର ଲାଇସେନ୍ସ ସହ ବହୁ ଗାଡିରେ ଆବଶ୍ୟକ କାଗଜପତ୍ର ଓ ବୀମା ନ ଥିବା ଜଣାପଡିଛି। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବା ମଧ ଅଭିଯୋଗ ହେଉଛି।

## ୪୦ ନାଳ ପୁନରୁଦ୍ଧାର, ୨୭ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ପଦ୍ମପୁର, ୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତର ବଡ଼କିଆରିଠାରେ ରାଜ୍ୟର ପ୍ରଥମ ମଡେଲ କ୍ରିକ୍ ୧୯୮୦ରେ ତତ୍କାଳୀନ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ବର୍ଷା ଋତୁରେ ଜଳସେଚନ ଓ ନିଷ୍କାସନ ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଥିଲା। ସମୟ କ୍ରମେ ଏହି ନୂଆସାହି ନାଳ ଓ ମନ୍ତେଇର ବିଭିନ୍ନ ଶାଖା ନାଳ ପୋତି ଦଳ ଭର୍ତ୍ତି ହୋଇଯିବାରୁ ବନ୍ୟାଜଳ ନିଷ୍କାସନ ହୋଇପାରୁ ନ ଥିଲା କି ଜଳସେଚନ ପାଇଁ ଖରାଦିନେ ଚାଷୀମାନେ ଜଳ ପାଇପାରୁ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏହି ନାଳ ସମୂହର ପୁନରୁଦ୍ଧାର ଓ ଜନସାଧାରଣଙ୍କ ଗମନାଗମନ ସୁବିଧା ଲାଗି ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ହେଲେ ଲୁଙ୍ଗା, ଗୁଆଗଡ଼ିଆ, ଜଗନ୍ନାଥପ୍ରସାଦ ଓ ଏଡ଼ତାଳ ପଞ୍ଚାୟତର ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପ ଅଧୀନରେ ୪୦ଟି ନାଳ ପୁନରୁଦ୍ଧାର ଓ ୨୭ ପୋଲ ନିର୍ମାଣ ନିମନ୍ତେ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦିଆଯାଇଛି। ଲୁଙ୍ଗା, ଗୁଆଗଡ଼ିଆ, ଜଗନ୍ନାଥପ୍ରସାଦ ଓ ଏଡ଼ତାଳରେ ୧୫ ନାଳ ପୁନରୁଦ୍ଧାର ଓ ୮ ପୋଲ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ସେହିପରି ନାୟକାଣିଡିହୀଠାରେ ୨୫ ନାଳ ଏବଂ ୧୯ ପୋଲ ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଳିକ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ବଳ, ରମେଶ ମିଶ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବରେନ କୁମାର ଜେନା, ଉପଖଣ୍ଡ ଅଧିକାରୀ ରମାକାନ୍ତ ପାତ୍ର, ଶ୍ରୀପତି କରଣ, ସରପଞ୍ଚ କାହ୍ନୁଚରଣ ମଲ୍ଲିକ, ଦୀନବନ୍ଧୁ ଦାସ, ହରିହର ଶିଅଳ, ବଂଶୀଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ସମୂହ ୧୧ ମାସ ମଧ୍ୟରେ ସରିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲା ପରିଷଦ ଶିକ୍ଷକ ସଂଘର ମିଶ୍ରଣ ପର୍ବ

ଖଇରା, ୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ପ୍ରାଥମିକ ଶିକ୍ଷକ ସଂଘରେ ଜିଲା ପରିଷଦ ସଂଘର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ତଥା ରାଜ୍ୟ ସଙ୍ଗଠନର କୋଷାଧକ୍ଷ ରମାକାନ୍ତ ମହାନ୍ତି ମୁଖ୍ୟଅତିଥି, ଉପଦେଷ୍ଟା ନାରାୟଣ ପ୍ରସାଦ ପେଡା ଓ କମଳଲୋଚନ ଜେନା, ଉପସଭାପତି ବଳରାମ ଜେନା, ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ଦକ୍ଷିଣରାୟ, ଜନାର୍ଦ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲା ପରିଷଦ ଶିକ୍ଷକ ସଂଘର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ନାରାୟଣ ଚନ୍ଦ୍ର ମହାପାତ୍ର, ଭାଗବତ ପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ଦଳେଇ, ହଳଧର ସାହୁ, ବୁଦ୍ଧଦେବ ନାଇକ, ରବୀନ୍ଦ୍ର କୁମାର ଶିଅଳ, ନଟବର ମହାପାତ୍ର ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ମନୋନୀତ ହୋଇଥିଲେ।

## ବୁଦା ଭିତରେ ଲକ୍ଷାଧିକ ଟଙ୍କାର ଚୋରା ଖଣିଜ

ଯୋଡା,୮।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ଥାନା ଓ ଖଣି ଯୁଗ୍ମ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟଠାରୁ ପ୍ରାୟ ୫ଶହ ମିଟର ଦୂରରେ ଥିବା ଏକ ଖେଳପଡ଼ିଆ ନିକଟସ୍ଥ ଜଙ୍ଗଲ ଝାଡ଼ିରେ ଲକ୍ଷାଧିକ ଟଙ୍କାର ଚୋରା ମାଙ୍ଗାନିଜ୍ ଗଚ୍ଛିତ ରଖାଯାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଯୁବକମାନଙ୍କଠାରୁ ସୂଚନାପାଇ ଖବରଦାତାମାନେ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରେ ପ୍ରାୟ ୧୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଉନ୍ନତମାନର ମାଙ୍ଗାନିଜ୍ କିଛି ବସ୍ତାରେ ଭର୍ତ୍ତି ହୋଇ ରଖାଯାଇଥିବା ଓ କିଛି ମାଙ୍ଗାନିଜ୍‌କୁ ଡାଳ ପତ୍ର ଘୋଡାଇ ଲୁକ୍କାୟିତ ଭାବେ ରଖାଯାଇଥିବା ଦେଖିବାକୁ ମିଳିଥିଲା । ଚୋରାରେ ଗଚ୍ଛିତ ଥିବା ଏହି ମାଙ୍ଗାନିଜ୍‌ର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଖବରଦାତାମାନେ ଏ ସଂକ୍ରାନ୍ତରେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ସୂଚନା ଦେବାରୁ ଖଣି ଟିମ୍ ସର୍ଚ୍ଚ କରୁଛନ୍ତି ଓ ଚୋରା ଖଣିଜ ପାଇଲେ ସିଜ୍ କରିବେ ବୋଲି କହି ସୂଚନାଟିକୁ ଅଣଦେଖା କରିଥିଲେ । ପରେ ଏ ସଂକ୍ରାନ୍ତରେ


ଗଚ୍ଛିତ ଥିବା ଚୋରା ମାଙ୍ଗାନିଜ୍।

ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟର ବରିଷ୍ଠ ଯୁଗ୍ମ ଖଣି ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କୁ ସୂଚନା ଦେବାରୁ ଏ ଦିଗରେ ବିଭାଗ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଓ ଯୋଡ଼ା ଯୁଗ୍ମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଚୋରା ପରିବହନ ପାଇଁ ପ୍ରସ୍ତୁତ ଥିବା ଉକ୍ତ ଖଣିଜ ଶୁକ୍ରବାର ରାତିରେ ଚୋରା ଚାଲାଣ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ରାଇକା, ଇଙ୍ଗାଣୀ ଝରଣ ପ୍ରଭୃତି ସ୍ଥାନରେ ବିପୁଳ ପରିମାଣରେ ଚୋରା ଖଣିଜ ଉତ୍ତୋଳନ ହେଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ଖଣିବିଭାଗ ସୂଚନା ପାଇ ମଧ ଜାଣିଶୁଣି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

## ପଞ୍ଚାୟତ ସମିତି ବୈଠକ ବାରମ୍ବାର ବାତିଲ ନେଇ ଅସନ୍ତୋଷ

ବାଲିଆପାଳ, ୮।୧(ସ୍ୱ.ପ୍ର)

ବାଲିଆପାଳ ପଞ୍ଚାୟତ ସମିତି ବୈଠକ ବାରମ୍ବାର ବାତିଲ କରାଯାଉଛି। ଶୁକ୍ରବାର ବୈଠକ ହେବା ଲାଗି ନୋଟିସ ପ୍ରେରଣ କରାଯାଇଥିଲା। ହେଲେ ଅନିବାର୍ଯ୍ୟ କାରଣ ଦର୍ଶାଇ ୪ତାରିଖରେ ନୋଟିସ ଦେଇ ବନ୍ଦ କରିଦିଆଯାଇଛି। ବୈଠକ ବାରମ୍ବାର ବନ୍ଦ ହେବା ନେଇ ପଞ୍ଚାୟତ ସମିତି ଅଧକ୍ଷ ବିଜନ ନାୟକ ଶୁକ୍ରବାର ଖବରଦାତା ସମ୍ମିଳନୀ ଡାକି ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୀର୍ଘ ୧ବର୍ଷ ଧରି ବାଲିଆପାଳ ବ୍ଲକରେ ପଞ୍ଚାୟତ ସମିତି ବୈଠକ ହୋଇ ନ ଥିଲା। ଡିସେମ୍ବର ୧୬ତାରିଖରେ ବୈଠକ ହେବାର ଥିଲା। ବିଡିଓ ନିର୍ଦ୍ଧାରିତ ତାରିଖ ପୂର୍ବଦିନ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନିକଟକୁ ନୋଟିସ ପଠାଇଥିଲେ। ବିଧାୟକ ସାହୁ ଏ ବିଷୟରେ ଜାଣି ନ ପାରି ବୈଠକରେ ଯୋଗଦେଇପାରି ନ ଥିଲେ। ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଶାସକ ଦଳର ଲୋକପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଉପସ୍ଥିତ ସମସ୍ତ ଲୋକପ୍ରତିନିଧିଙ୍କ ସହମତି କ୍ରମେ ଉକ୍ତ ବୈଠକ ଆଗାମୀ ଜାନୁୟାରୀ ପ୍ରଥମ ସପ୍ତାହରେ ନିର୍ଦ୍ଧାରିତ ଏଜେଣ୍ଡା ଅନୁସାରେ ହେବାର ସ୍ଥିର ହୋଇଥିଲା। ବୈଠକରେ ଉପକୂଳବର୍ତ୍ତୀ ୬ ପଞ୍ଚାୟତରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋ କେମିକାଲ ବିଷୟରେ ଆଲୋଚନା ଲାଗି ସ୍ଥିର ହୋଇଥିଲା। ହେଲେ ନିର୍ଦ୍ଧାରିତ ପଞ୍ଚାୟତ ସମିତି ଅଧିବେଶନକୁ ଅନିବାର୍ଯ୍ୟ କାରଣ ଦର୍ଶାଇ ବନ୍ଦ କରାଯାଇଥିବା ପଞ୍ଚାୟତ ସମିତି ଅଧକ୍ଷ ନାୟକ ବ୍ଲକ ପରିସରରେ ଥିବା ଅଫିସ ଗୃହରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ବୈଠକ ନ ହେଲେ ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇପାରିବ ନାହିଁ କି ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ ନାହିଁ ବୋଲି ସେ କହିଥିଲେ।

## ରେଳଷ୍ଟେଶନ ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

ବାଲେଶ୍ୱର ଅଫିସ, ୮।୧

ବାଲେଶ୍ୱର ରେଳ ଷ୍ଟେଶନର ସାମଗ୍ରିକ ବିକାଶ ଓ ଅବ୍ୟବସ୍ଥା ସମ୍ବନ୍ଧରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଦକ୍ଷିଣପୂର୍ବ ରେଳପଥର ବାଲେଶ୍ୱର ରେଳଷ୍ଟେଶନ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନ। ବାଲେଶ୍ୱରର ଅନେକ ପର୍ଯ୍ୟଟନସ୍ଥଳ, ପ୍ରତିରକ୍ଷା ବିଭାଗର ଡିଆର୍‌ଡିଓ କ୍ୟାମ୍ପସ୍, ପ୍ଲାଷ୍ଟିକ୍, କାଗଜ, ଖଣିଜ ପଦାର୍ଥ, କୃଷିଜାତ ଦ୍ରବ୍ୟ ଏବଂ ମତ୍ସ୍ୟ ପ୍ରକ୍ରିୟାକରଣ ଭଳି ବହୁ ସଂଖ୍ୟକ ଶିଳ୍ପ ସଂସ୍ଥା ରହିଛି। ଏଥିସହ ସିପେଟ୍, ମେଡ଼ିକାଲ କଲେଜ, ଭୁବନେଶ୍ୱର ଏମ୍‌ସ ସାଟେଲାଇଟ୍ ସେଣ୍ଟର ରହିଛି। ଏହି ରେଳ ଷ୍ଟେସନ ଯେତିକି ବିକାଶ ହେବା କଥା ତାହା ଏଯାବତ୍ ହୋଇପାରି ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀ ଗୋୟଲଙ୍କୁ ଜଣାଇଛନ୍ତି। ସେହିପରି


କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଉଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।

ବାଲେଶ୍ୱର ଷ୍ଟେଶନରେ ୪ଟି ପ୍ଲାଟଫର୍ମ ରହିବା ବେଳେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଏକମାତ୍ର ପ୍ରବେଶଦ୍ୱାର ରହିଛି। ଷ୍ଟେଶନର ପଶ୍ଚିମ ପାର୍ଶ୍ୱରେ ମୁଖ୍ୟତଃ ମାଲ୍ ପରିବହନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଏହି ପାର୍ଶ୍ୱରେ ଷ୍ଟେଶନର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଜାଗା ରହିଥିଲେ ହେଁ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ବାଲେଶ୍ୱର ରେଳଷ୍ଟେଶନର ବିକାଶ ନିମନ୍ତେ ପଦକ୍ଷେପ ନେବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

ଚାନ୍ଦବାଲି,୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ପଞ୍ଚାୟତ ସମିତିର ୯ମ ବୈଠକ ଶୁକ୍ରବାର ଅଧକ୍ଷା ମାନସୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜ୍ୟୋତି ପ୍ରକାଶ ଦାସ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅଙ୍ଗନୱାଡି କେନ୍ଦ୍ର ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତି ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାରେ ଅଣଦେଖା କରାଯିବା, ମଣ୍ଡିରେ ଧାନ କଟ୍‌ନୀ ଛଟ୍‌ନୀ, ନିର୍ବାଚିତ ଲୋକପ୍ରତିନିଧିଙ୍କ ସ୍ୱାଧୀନ ମତ ପ୍ରଦାନକୁ କଣ୍ଠରୋଧ କରାଯାଉଥିବା ଅଭିଯୋଗ ହୋଇଥିଲା। ଉପସ୍ଥିତ କେତେଜଣ ଭାଜପା ଓ କଂଗ୍ରେସ ସମର୍ଥକ ଲୋକପ୍ରତିନିଧି ହୋହଲ୍ଲା କରିଥିଲେ। ସେମାନେ କକ୍ଷତ୍ୟାଗ କରି ଗୃହ ବାହାରେ ପାଟିତୁଣ୍ଡ କରିଥିଲେ।

